# Akashvani, Sambalpur

## SAMBALPURI NEWS BULLETIN

### 5 October 2024- 6.47- 6.52 am.

*********************************************

ପିଏମ୍ କିଷାନ୍ ଯୋଜ୍ନା ଏନ୍ଏସ୍ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ମହାରାଷ୍ଟ୍ରନୁ ପ୍ରଧାନ୍‌ମନ୍ତ୍ରୀ କିଷାନ୍ ସମ୍ମାନ୍ ନିଧି - ପିଏମ୍ କିଷାନ୍ ଯୋଜ୍ନାଥି ୯ କୋଟିନୁ ଅଏତ୍କା ଚାଷୀଙ୍କୁ ୧୮ ନମ୍ବର୍ କିସ୍ତି ଦେବେ । ଇ ବାବ୍ଦେ ଫି' ଚାଷୀଙ୍କୁ ୨ ହଜାର୍ ଟଙ୍କା ଲେଖା ଦିଆଯିବା । ଇ ଯୋଜ୍ନାଥି ୨୦ ହଜାର୍ କୋଟିନୁ ଅଏତ୍କା ଟଙ୍କା ଚାଷୀମାନ୍‌କର୍ ବେଙ୍କ୍ ଏକାଉଂଟ୍‌ଥି ଜମା ହେବା । ଇତାର୍‌ସଙ୍ଗେ ପ୍ରଧାନ୍‌ମନ୍ତ୍ରୀ ମହାରାଷ୍ଟ୍ର ନ ଭିନ୍ ଭିନ୍ ପ୍ରକଳ୍ପର୍ ଶୁଭାରମ୍ଭ କର୍ବେ ।

ଇ ଅବ୍‌ସରେ ରାଏଜେ ଜିଲ୍ଲାସ୍ତର୍ ନ ଚାଷୀମାନ୍‌କର୍ ଉପସ୍ଥିତିଥି ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍‌ମାନ୍ କରାଯିବା ।

ଇନ ଜନେଇ ଦିଆଯାଇପାରେ ଯେ, ୨୦୧୯ ମସିହା ଫେବୃଆରୀ ୨୪ ତାରିଖ୍‌ନୁ କେନ୍ଦ୍ର ସର୍କାର୍‌ଙ୍କର ତର୍‌ଫୁ ପିଏମ୍

କିଷାନ୍ ଯୋଜନା ମୁଲ୍ ହେଇଥିଲା । ଇ ଯୋଜ୍‌ନାଥି ଫି' ବଛର୍ ୩ ଟା କିସ୍ତିଥି ଚାଷୀମାନ୍‌କୁ ୬ ହଜାର୍ ଟଙ୍କା ଦିଆଯାଉଛେ ।

କନିଷ୍ଠ ଶିକ୍ଷକ୍ ନିଯୁକ୍ତି ପତ୍ର ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ପ୍ରାଥମିକ ଆଉ ଉଚ୍ଚପ୍ରାଥମିକ ବିଦ୍ୟାଳୟ ନ ୧୬ ହଜାର୍ ୯ ଜନ୍ କନିଷ୍ଠ ଶିକ୍ଷକ୍‌ଙ୍କୁ ଆଏଜ୍ ନିଯୁକ୍ତି ଦିଆଯିବା । ଆଏଜ୍ ଭୁବ୍‌ନେଶ୍ୱର୍‌ର କଲିଙ୍ଗ ଷ୍ଟାଡ଼ିୟମ୍ ନ ନୂଆଁକରି ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷକ୍‌ମାନ୍‌କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିଯୁକ୍ତି ପତ୍ର ବାଂଟ୍‌ବାର୍ ସହେତେ ସେମାନ୍‌କୁ ମାର୍ଗଦର୍ଶନ୍ ଦେବେ । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆର୍ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ପ୍ରମୁଖ ଯୋଗ୍ ଦେବେ ।

ଭୂମିହୀନ-ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନା /ଆର୍‌ଏନ୍‌ୟୁ ସମ୍ବଲପୁର

ରାଏଜେ ଭୂମିହୀନ ମାନ୍‌କୁ ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନାଥି ଘର୍ ବନାବାର୍ ଲାଗି ଜାଗା ଯୁଗେଇ ଦିଆଯିବା । ଇ ପ୍ରକ୍ରିୟାକେ

ସୁନିଶ୍ଚିତ୍ କର୍‌ବାର୍ ଲାଗି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଆଉ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକଙ୍କର୍ ଭିତ୍‌ରେ ଗଲାକାଏଲ୍ ଆନ୍ତଃବିଭାଗୀୟ ସମନ୍ୱୟ କମିଟି ବୈଠକ୍ ହେଇଯାଇଛେ । ବିଡ଼ିଓମାନେ ଭୂମିହୀନ ହିତାଧିକାରୀମାନ୍‌କର୍ ତାଲିକା ତିଆର୍ କରିକରି ତହସିଲ୍‌ଦାର୍‌ମାନ୍‌କୁ ଦେବେ । ସେନ୍ତା ତହସିଲ୍‌ଦାର୍‌ମାନେ ଜାଗା ଚିହ୍ନଟ୍ କରିକରି ହିତାଧିକାରୀମାନ୍‌କୁ ଯୁଗେଇ ଦେବାର୍ ଲାଗି ବ୍ୟବସ୍ଥା କର୍‌ବେ । ଇ କାମ୍‌କେ ଜଲ୍‌ଦି କର୍‌ବାର୍ ଲାଗି ଫି’ ମାସର୍ ଶନିବାର୍ ଦିନ ବିଡ଼ିଓ ଆର୍ ତହସିଲ୍‌ଦାର୍‌ଙ୍କର୍ ଭିତ୍‌ରେ ସମନ୍ୱୟ କମିଟି ବୈଠକ୍ ହେବା । ଜିଲ୍ଲାପାଲ୍‌ମାନ୍‌କର୍ ଦେଖ୍‌ରେଖ୍‌ଥି ଇ କାମ୍ ତ୍ୱରାନ୍ୱିତ କରାଯିବା । ସେନ୍ତା ଇ ଯୋଜ୍‌ନାର୍ ଅଗ୍ରଗତି ବାବ୍‌ଦେ ଜିଲ୍ଲାପାଲମାନେ ଫି’ ମାସ ସର୍‌କାର୍‌ଙ୍କୁ ରିପୋର୍ଟ ଦେବେ ।

ସହରାଂଚଲ୍ ରାସ୍ତାଘାଟ୍, ଜଲଯୋଗାଣ-ବୈଠକ

ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ସହରାଂଚଲ୍ ରାସ୍ତାଘାଟ୍ ଆଉ ଜଲଯୋଗାଣ ବାବ୍‌ଦେ ଗଲାକାଏଲ୍ ଗୁଟେ ବୈଠକ୍ ହେଇଯାଇଛେ । ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍‌ଥି ଭିନ୍ ଭିନ୍

ଜିଲ୍ଲା ଆର୍ ମ୍ୟୁନିସିପାଲ୍‌ଟିର ସମସ୍ୟା ମାନ୍‌କର୍ ଜଲ୍‌ଦି ସମାଧାନ୍ ଲାଗି ଉପାୟ ବାହାର୍ କରାଯାଇଛେ । ସେନ୍ତା ଇ ସବୁ ସମସ୍ୟାର୍ ଜଲ୍‌ଦି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ସେଆଡ଼େ ଝାର୍‌ସୁଗୁଡ଼ା ଆର୍ ବ୍ରଜରାଜନଗର୍ ସହର୍ ଇଲାକା ନ ଚାଲୁଥିବା ପାନୀୟ ଜଳଯୋଗାଣ ପ୍ରକଳ୍ପ ଛଡ଼ା ୨୪ ଘଂଟିଆ ଜଲଯୋଗାଣ ସୁନିଶ୍ଚିତ୍ କର୍‌ବାର୍‌କେ ବୈଠକ୍‌ଥି ଜୋର୍ ଦିଆଯାଇଛେ । ଇଥିର୍‌ଲାଗି ଜିଲ୍ଲା ଖଣିଜ ପାଣ୍ଠିନୁ ଖର୍ଚ୍ଚା ହେଉଥିବା ଟଙ୍କା ଛଡ଼ା ଦର୍‌କାର୍ ହେଲେ ସର୍‌କାର୍‌ଙ୍କର୍‌ନୁ ଟଙ୍କା ମଞ୍ଜୁର୍ କର୍‌ବାର୍‌କେ ପରାମର୍ଶ ଦିଆଯାଇଛେ ।

ସେନ୍ତା ସୁବର୍ଣ୍ଣପୁର୍ ଜିଲ୍ଲା ନ ହେବାର୍‌କେ ଥିବା ନୂଆଁ ବସ୍‌ଷ୍ଟାଣ୍ଡ୍‌ର ସମ୍ପ୍ରସାରଣ୍ ଆର୍ ଉନ୍ନତିକରଣ୍ କାମ୍‌କେ ଜଲ୍‌ଦି କର୍‌ବାର୍‌କେ ବୈଠକ୍‌ଥି ଆଲୋଚନା ହେଇଥିଲା । ଇ ବୈଠକ୍‌ଥି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ଗୃହନିର୍ମାଣ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ୍ ଦେଇଥିଲେ ।

ପୁରୀ- ହବିଷ୍ୟାଲି ଆର୍‌ଏନ୍‌ୟୁ/ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଇ ବଛର୍ ହବିଷ୍ୟାଲୀ ଯୋଜ୍‌ନାଥି ହବିଷ୍ୟାଲିମାନ୍‌କର୍ ରହେବାର୍ ଲାଗି ଆଏବାକାଏଲ୍‌ନୁ ଅନ୍‌ଲାଇନ୍ ଜରିଏ ପଞ୍ଜିକରଣ୍ ମୁଲ୍ ହେବା । ଇ ପଞ୍ଜିକରଣ୍

ଆଏବା ୧୧ ତାରିଖ୍‌ତକ୍ ଚାଲ୍‌ବା । ଇଥିର୍‌ଲାଗି ନାଁ ପଞ୍ଜିକରଣ୍ କର୍‌ବାର୍‌କେ ଥିବାର୍ ହବିଷ୍ୟାଲୀମାନେ ଇ-ଡିଷ୍ଟ୍ରିକ୍ଟ ଡଟ୍ ଓଡ଼ିଶା ଡଟ୍ ଗଭ୍ ଡଟ୍ ଇନ୍ ୱେବ୍‌ସାଇଟ୍ ଜରିଏ ପଞ୍ଜିକରଣ୍ କରିପାର୍‌ବେ । ସ୍ୱଟ୍ ପଞ୍ଜିକରଣ୍ ଇ ବଛର୍ ନାଇଁ ହୁଏ । ଇନ ଜନେଇ ଦିଆଯାଇପାରେ ଯେ, ଇ ବଛର୍ ୨ ହଜାର୍ ୫ ଶହ ଝନ୍‌କୁ ପଞ୍ଜିକରଣ୍ କରାଯିବା । ହବିଷ୍ୟାଲିମାନ୍‌କର୍ ରହେବାର୍ ଲାଗି ୪ ଟା ଶିବିର ଆଉ ମାହାଲିଆ ମହାପ୍ରସାଦ୍ ଖାଏବାର୍ ବ୍ୟବସ୍ଥା କରାଯାଇଛେ । ଯେନ୍‌ମାନେ ଆବେଦନ୍ କର୍‌ବେ ସେମାନେ ଶାରୀରିକ ଆର୍ ମାନସିକ ଭାବେ ସୁସ୍ଥ ଥିବାର୍ ଦର୍‌କାର୍ । ସେନ୍ତା ବିଧବା ବ୍ରତଧାରୀ ଆର୍ ନୂଆଁ ଆବେଦନ୍‌କାରୀଙ୍କୁ ପହେଲା ସୁଯୋଗ୍ ଦିଆଯିବା । ଯେନ୍‌ମାନେ ଅନ୍‌ଲାଇନ୍ ପଞ୍ଜିକରଣ୍ ନାଇଁ କରିଥିବେ ସେମାନ୍‌କୁ ଇ ଯୋଜ୍‌ନା ଅଧିନ୍‌ଥି ରହେବାର୍‌କେ ନାଇଁ ଦିଆଯାଏ ବଲି କୁହାଯାଇଛେ ।

ସ୍ୱାସ୍ଥ୍ୟ ବିଭାଗ-ପରାମର୍ଶ କର୍ମଶାଳା ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ନ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ବିକଶିତ ଓଡ଼ିଶା ୨୦୩୬ ଆର୍ ବିକଶିତ୍ ଭାରତ୍ ୨୦୪୭ ଲାଗି ତିଆର୍ ହେଇଥିବା ଭିଜନ୍ ଡକ୍ୟୁମେଂଟ୍‌ର ଅଗ୍ରଗତି ବାବଦ୍ ଗୁଟେ ପରାମର୍ଶ କର୍ମଶାଳା

ଗଲାକାଏଲ୍ ହେଇଯାଇଛେ । ବିଭାଗୀୟ କମିଶନର୍ ଆର୍ ଶାସନ୍ ସଚିବ ଅଶ୍ୱଥି ଏସ୍. ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ କର୍ମଶାଲାଥି ରାଏଜେ ସ୍ୱାସ୍ଥ୍ୟସେବାର୍ ଏଭର୍ ସ୍ଥିତି ଲୋକ୍ମାନ୍କର୍ ଲାଗି ଲାଗୁ ହେଇଥିବା ସଫଲ୍ ଯୋଜ୍ନା ଆର୍ କାର୍ଯ୍ୟକ୍ରମ୍, ସ୍ୱାସ୍ଥ୍ୟସେବା କ୍ଷେତ୍ର ନ ଦେଖାଦଉଥିବା ସମସ୍ୟା ବାବ୍ଦେ ସମୀକ୍ଷା କରାଯାଇଥିଲା ।

ଇଂଟର୍ଣ୍ଣସିପ୍ ସ୍କିମ୍ ଇନ୍ ଟପ୍ କମ୍ପାନୀ ଆର୍ଏନ୍ୟୁ /ସମ୍ବଲପୁର

୨୦୨୪-୨୫ ଆର୍ଥିକ୍ ବଛ୍ରେ ୧ ଲାଖ୍ ୨୫ ହଜାର୍ ଇଂଟର୍ଣ୍ଣସିପ୍ ସୁଯୋଗ୍ ଦେବାର୍ ଲାଗି ପ୍ରଧାନ୍ମନ୍ତ୍ରୀଙ୍କର୍ ଇଂଟର୍ଣ୍ଣସିପ୍ ସ୍କିମ୍ ଇନ୍ ଟପ୍ କମ୍ପାନୀ ଗଲା ୩ ତାରିଖ୍ନୁ କେନ୍ଦ୍ର ସର୍କାର୍ ମୁଲ୍ କରିଛନ୍ । ଇଥିର୍ଲାଗି ଇ ମାସର୍ ୨ ନମ୍ବର୍ ହପ୍ତାନୁ ପ୍ରାର୍ଥୀମାନ୍କର୍ ପଞ୍ଜିକରଣ୍ ମୁଲ୍ ହେବା । ଇ ଯୋଜ୍ନା ଜରିଏ ଯୁଆନ୍ ପିଲାମାନେ ଭିନ୍ ଭିନ୍ ପେଷା ଆର୍ ନିଯୁକ୍ତି ସୁଯୋଗ୍ ସାଙ୍ଗେ ପ୍ରକୃତ୍ ବ୍ୟବସାୟିକ ପରିବେଶ୍ ସହେତେ ପରିଚିତ ହେବେ । କର୍ପୋରେଟ୍ ବ୍ୟାପାର୍ ମନ୍ତ୍ରଣାଳୟ ଅନ୍ଲାଇନ୍ ପୋର୍ଟାଲ୍ www.pminternship.mca.gov.in ଜରିଏ ଇଟା କାର୍ଯ୍ୟକାରୀ ହେବା । ଇ ପୋର୍ଟାଲ୍ ଇଂଟର୍ଣ୍ଣସିପ୍ ପ୍ରକ୍ରିୟାର୍

ପରିଚାଳନା ଲାଗି ଗୁଟେ ସେଂଟ୍ରାଲ୍ ପ୍ଲାଟ୍‌ଫର୍ମ ଭାବେ କାମ୍ କର୍‌ବା ।